

# ମାନବକଲ୍ୟାଣ ସଂଗଠନମାନଙ୍କ ପାଇଁ ଜଳବାୟୁ ଏବଂ ପରିବେଶ ଚାର୍ଟର

THE CLIMATE AND ENVIRONMENT CHARTER FOR HUMANITARIAN ORGANIZATIONS

# ପରିଚୟ

ଆଜିର ଜଳବାୟୁ ଏବଂ ପରିବେଶ ସଙ୍କଟ ମାନବଜାତିର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଛି । ଆମର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଆମର ଖାଦ୍ୟ, ଜଳ ଏବଂ ଅର୍ଥନୈତିକ ନିରାପତ୍ତା ପର୍ଯ୍ୟନ୍ତ ଏବଂ ଜୀବନର ସମସ୍ତ ଦିଗକୁ ପ୍ରଭାବିତ କରୁଛି।  ଏହି ସଙ୍କଟ ସମସ୍ତଙ୍କୁ ପ୍ରଭାବିତ କରୁଥିବାବେଳେ କିନ୍ତୁ ଯେଉଁମାନେ ଏହି ସମସ୍ୟା ଉପୁଜାଇବାରେ ସର୍ବନିମ୍ନ ଅବଦାନ ରଖିଛନ୍ତି ସେମାନେ ଏହା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି ଏବଂ ପରିସ୍ଥିତି ଅଧିକରୁ ଅଧିକ ଜଟିଳତର ହେଉଛି ।

ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ିର ଜୀବନ ଏବଂ ଅଧିକାରକୁ ରକ୍ଷା କରିବା ଆମର ସାମର୍ଥ୍ୟ ଉପରେ ନିର୍ଭର କରେ, ଯେମିତିକି ଆମେ ସଠିକ୍ ବିକଳ୍ପ ବାଛୁଚୁ ଅଥବା ବାଛୁ ନାହୁଁ ଯଥା: ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ରୋକିବା, ଜୈବ ବିବିଧତା ହ୍ରାସ ଏବଂ ପରିବେଶ ଅବକ୍ଷୟକୁ ରୋକିବା, ସଙ୍କଟର ପ୍ରଭାବ ସହିତ ସଂପୃକ୍ତ କ୍ଷତି ଓ ବିପଦଗୁଡିକର ସମାଧାନ କରିବା।  ପ୍ରଭାବ ପରବର୍ତ୍ତୀ ମୃତ୍ୟୁ ଏବଂ ଦୁଃଖ ଯନ୍ତ୍ରଣା ଆଦି ସମସ୍ୟାକୁ ପ୍ରତିହତ ନିମନ୍ତେ ପରିବର୍ତ୍ତନ ଆବଶ୍ୟକ ଇତ୍ୟାଦି ।

ଆଞ୍ଚଳିକ, ଜାତୀୟ ତଥା ଆନ୍ତର୍ଜାତୀୟ ମାନବକଲ୍ୟାଣ ସଂଗଠନ ଭାବରେ ଆମେ ସଙ୍କଟର ପରିମାଣ ଏବଂ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବାର ସାମର୍ଥ୍ୟ ବିଷୟରେ ଗଭୀର ଭାବରେ ଅନୁଶୀଳନ କରି ପଦକ୍ଷେପ ନେବାକୁ ସ୍ଥିର କରିଛୁ। ଆମର ନିଜ କାର୍ଯ୍ୟପନ୍ଥାକୁ ଆଗକୁ ଅଗ୍ରସର କରାଇବା ସହ ଅନ୍ୟ ସଂଗଠନମାନଙ୍କୁ ମଧ୍ୟ ତାହା କରିବାକୁ ଏକତ୍ରିତ କରି ସଙ୍କଟର ପ୍ରଭାବକୁ ହ୍ରାସ କରିବା ପାଇଁ ସମ୍ମିଳିତ ଭାବରେ କାର୍ଯ୍ୟ କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି।

# ଉଦ୍ଦେଶ୍ୟ

ଜଳବାୟୁ ଏବଂ ପରିବେଶ ସଙ୍କଟ ଦ୍ୱାରା  ଅଧିକ ମାତ୍ରାରେ ପ୍ରଭାବିତ ହେଉଥିବା ଜନସାଧାରଣ, ସଂକଟ ହ୍ରାସ ପାଇଁ ଥିବା ଆହ୍ୱାନ ନିମନ୍ତେ କାର୍ଯ୍ୟପନ୍ଥା ଓ ସାମୁହିକ କାର୍ଯ୍ୟକୁ ପ୍ରେରଣା ଏବଂ ମାର୍ଗଦର୍ଶନ କରିବା ହେଉଛି ଏହି ଘୋଷଣାନାମା(ଚାର୍ଟର) ମୁଖ୍ୟ ଉଦ୍ଦେଶ୍ୟ ।  କାର୍ଯ୍ୟର ଜରୁରୀ ଆବଶ୍ୟକତା ଓ ବ୍ୟକ୍ତିଗତ ସାମର୍ଥ୍ୟ ଏବଂ ସଂଗଠନଗୁଡିକର ନିର୍ଦ୍ଦେଶାବଳୀରେ ସୂଚିତ ହୋଇଥିବା ସଂଗଠନ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଏବଂ କାର୍ଯ୍ୟାନ୍ୱୟନ ଯୋଜନା ମାଧ୍ୟମରେ ଏହି ଘୋଷଣାନାମର ପ୍ରତିବଦ୍ଧତା କାର୍ଯ୍ୟକାରୀ ହେବା ଉଚିତ।  ଯଦ୍ୱାରା କାର୍ଯ୍ୟର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇ ପାରିବ।

ଏହି ଘୋଷଣାନାମା ଅଧୁନାତନ ବୈଜ୍ଞାନିକ ପ୍ରମାଣ ଏବଂ ପ୍ୟାରିସ୍ ଚୁକ୍ତିନାମା, ବିପର୍ଯ୍ୟୟ ପ୍ରଶମନ ପାଇଁ ସେଣ୍ଡାଇ ଫ୍ରେମୱାର୍କ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ, ତଥା ଆନ୍ତର୍ଜାତୀୟ ମାନବ ଅଧିକାର ଆଇନ, ଆନ୍ତର୍ଜାତୀୟ ମାନବକଲ୍ୟାଣ ଆଇନ, ଆନ୍ତର୍ଜାତୀୟ ପରିବେଶ ଆଇନ ସମେତ ଅନ୍ୟାନ୍ୟ ପ୍ରଯୁଜ୍ୟ ଆନ୍ତର୍ଜାତୀୟ ଆଇନ ଏବଂ ମାନକଗୁଡିକ ଦ୍ୱାରା ପରିଚାଳିତ ହୋଇଥାଏ। ବିପର୍ଯ୍ୟୟ ସହାୟତା କ୍ଷେତ୍ରରେ ଆନ୍ତର୍ଜାତୀକ ରେଡକ୍ରସ୍, ରେଡ୍ କ୍ରିସେଣ୍ଟ ଓ ବେସରକାରୀ ସଂଗଠନଗୁଡିକର ଆଚରଣ ସଂହିତା, ଗୁଣବତ୍ତା ଓ ଉତ୍ତରଦାୟିତ୍ୱ ଆଧାରିତ ମୌଳିକ ମାନବକଲ୍ୟାଣ ମାନଦଣ୍ଡ, ସୁରକ୍ଷା କାର୍ଯ୍ୟରେ ବୃତ୍ତିଗତ ମାନକ ଏବଂ କ୍ଷେତ୍ରପୁସ୍ତିକାରେ ନିହିତ ମାନବକଲ୍ୟାଣ ମାନଦଣ୍ଡଗୁଡିକୁ ଏହା ପରିପୁଷ୍ଟ କରେ।

ଆଞ୍ଚଳିକ, ଜାତୀୟ ତଥା ଆନ୍ତର୍ଜାତୀୟ ମାନବକଲ୍ୟାଣ ସଂଗଠନ ଭାବରେ ଆମେ ପ୍ରତିଶ୍ରୁତିବଦ୍ଧ ଯେ:

## ୧. କ୍ରମବର୍ଦ୍ଧିତ ମାନବିକ ଆବଶ୍ୟକତାଗୁଡିକ ପ୍ରତି ଆମର ପ୍ରତିକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଜଳବାୟୁ ତଥା ପରିବେଶ ସମସ୍ୟାର ପ୍ରଭାବ ସହିତ ଜନସାଧାରଣଙ୍କୁ ଖାପ ଖୁଆଇବାରେ ସାହାଯ୍ୟ କରିବା

ଆମେ ଜଳବାୟୁ ପରିବର୍ତ୍ତନ ସହିତ ଖାପଖୁଆଇବା, ବିପର୍ଯ୍ୟୟ ବିପଦ ହ୍ରାସ କରିବା ଏବଂ ସମ୍ଭାବ୍ୟ କାର୍ଯ୍ୟକଳାପ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ ମାଧ୍ୟମରେ ଆଘାତ, ଚାପ ଏବଂ ଦୀର୍ଘକାଳୀନ ପରିବର୍ତ୍ତନର ବିପଦ ତଥା ସମ୍ବେଦନଶୀଳତା ହ୍ରାସ କରି ପାରିବୁ। ଆମର ସମସ୍ତ କାର୍ଯ୍ୟର ବ୍ୟବସ୍ଥିତ ପ୍ରସ୍ତୁତି, ପ୍ରତିକ୍ରିୟା ଏବଂ ପୁନରୁଦ୍ଧାର ସହିତ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳଗୁଡିକରେ ପରିବର୍ତ୍ତିତ ଜଳବାୟୁ ଏବଂ ପରିବେଶ ବିପଦ ବିଷୟରେ ବିଚାର କରିବା ସହ ଏହାର ସମାଧାନ ଦିଗରେ ଚେଷ୍ଟିତ ହେବୁ। ଆମର କାର୍ଯ୍ୟସୂଚୀ ଏବଂ କାର୍ଯ୍ୟ ପରିଚାଳନା କ୍ଷୁଦ୍ର, ମଧ୍ୟମ ଏବଂ ଦୀର୍ଘକାଳୀନ ଜଳବାୟୁ ଏବଂ ପରିବେଶ ବିଜ୍ଞାନ ଓ ଉପଲବ୍ଧ ତଥ୍ୟ ଏବଂ ଗ୍ରାମାଞ୍ଚଳ ତଥା ସ୍ୱଦେଶୀ ଜ୍ଞାନ ଦ୍ୱାରା ସୂଚିତ ଯଥାର୍ଥ ସଂକଟ ବିଶ୍ଳେଷଣ ଆଧାରିତ ହେବ।

ଲୋକଙ୍କ ସାମର୍ଥ୍ୟ ଓ ସମ୍ବେଦନଶୀଳତାକୁ ପ୍ରଭାବିତ କରୁଥିବା ଲିଙ୍ଗ, ବୟସ, ଶାରୀରିକ ଅକର୍ମଣ୍ୟତା, ଗାଠନିକ୍ୟ ବୈଶିଷ୍ଟ୍ୟ ଓ ଆଇନଗତ ସ୍ଥିତି ପରି ବ୍ୟକ୍ତିଗତ ବିଶେଷତ୍ୱ: ଦାରିଦ୍ର୍ୟ, ଅନଗ୍ରସରତା, ବିସ୍ଥାପନ, ସ୍ଥାନାନ୍ତରଣ, ସର୍ବସାଧାରଣ ସ୍ୱାସ୍ଥ୍ୟରେ ଆପଦକାଳୀନ ଅବସ୍ଥା କିମ୍ବା ସଶସ୍ତ୍ର ବିପଦ ଇତ୍ୟାଦି ପରିସ୍ଥିତିଗୁଡିକର ପ୍ରଭାବ ଆଦିକୁ ବିଚାରକୁ ନେଇ ଆମେ ସର୍ବାଧିକ ବିପଦଗ୍ରସ୍ତ ଲୋକମାନଙ୍କୁ ସହଯୋଗ କରିବୁ।

## ୨. ଆମର କାର୍ଯ୍ୟ ପରିବେଶ ସ୍ଥିରତାକୁ ବୃଦ୍ଧି କରିବା ଏବଂ ଆମର ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନର ଦ୍ରୁତ ହ୍ରାସ କରିବା

"କୌଣସି କ୍ଷତି କର ନାହିଁ" - ନୀତି ଅନୁଯାୟୀ, ଆମେ ସମୟୋପଯୋଗୀ ଏବଂ ନୀତିଗତ ମାନବକଲ୍ୟାଣ ସହାୟତା ପ୍ରଦାନ କରିବାର କ୍ଷମତା ବଜାୟ ରଖିବା ସହିତ ପରିବେଶ ଏବଂ ଜଳବାୟୁକୁ କ୍ଷତିରୁ ଦୂରେଇ ରଖିବୁ, ହ୍ରାସ କରିବୁ ଏବଂ ପରିଚାଳନା କରିବୁ । ଆମେ ସୁଦୃଢ଼ ପରିବେଶ ନୀତି କାର୍ଯ୍ୟକାରୀ କରିବୁ ଏବଂ ଆମର କାର୍ଯ୍ୟକ୍ରମ, ସଂଗ୍ରହଣ, ପ୍ରବନ୍ଧନ ଓ ପରିସର ସମେତ ଆମର ସମସ୍ତ କାର୍ଯ୍ୟର ତୁରନ୍ତ ଏବଂ ଦୀର୍ଘକାଳୀନ ପରିବେଶ ପ୍ରଭାବକୁ ବ୍ୟବସ୍ଥିତ ଭାବରେ ଆକଳନ କରିବୁ ।

ଆମେ ବିଶ୍ୱର ଲକ୍ଷ୍ୟ ଅନୁଯାୟୀ ଆମର ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ମାପିବୁ ଏବଂ ଯଥେଷ୍ଟ ହ୍ରାସ କରିବୁ । ଜଙ୍ଗଲ ଓ ଜମିର ସଂରକ୍ଷଣ ଏବଂ ପୁନରୁଦ୍ଧାର ସହିତ ଅନାବଶ୍ୟକ ନିର୍ଗମନକୁ ଦୂର କରିବା ପାଇଁ ଉଚ୍ଚ-ଗୁଣାତ୍ମକ ନିର୍ଗମନ ହ୍ରାସ ପ୍ରକଳ୍ପ ଗୁଡିକୁ ସମର୍ଥନ କରିବା ସହ ଏହି ପ୍ରୟାସକୁ ସଂପୂର୍ଣ୍ଣ କରିବ କିନ୍ତୁ ତାହା ପ୍ରୟାସର ବିକଳ୍ପ ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ । ଆମେ ଦାୟିତ୍ୱପୂର୍ଣ୍ଣ ଭାବରେ ଜଳ ସମେତ ପ୍ରାକୃତିକ ସମ୍ବଳର ପରିଚାଳନା ଏବଂ ବ୍ୟବହାର କରିବୁ ଏବଂ ଆମର କାର୍ଯ୍ୟକ୍ରମ ଦ୍ୱାରା ତଥା ଆମ କାର୍ଯ୍ୟ ପରିସରରେ ସୃଷ୍ଟ ବର୍ଜ୍ୟବସ୍ତୁର ହ୍ରାସ ସାଂଗକୁ ଉପଯୁକ୍ତ ଭାବରେ ପରିଚାଳନା କରିବୁ ।

## ୩. ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ଗୋଷ୍ଠୀର ନେତୃତ୍ୱ ଗ୍ରହଣ କରିବା

ଆମର କାର୍ଯ୍ୟକ୍ରମଗୁଡ଼ିକ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଏବଂ ଗୋଷ୍ଠୀର ନେତୃତ୍ୱ ଏବଂ ଅଭିଜ୍ଞତା ଦ୍ୱାରା ପରିଚାଳିତ ହେବ। ଜଳବାୟୁ ଏବଂ ପରିବେଶଗତ ପରିବର୍ତ୍ତିତ ସମସ୍ୟାଗୁଡ଼ିକ ପ୍ରତି ଉତ୍ତମ ଭାବରେ ପ୍ରସ୍ତୁତ ରହିବା ନିମନ୍ତେ ଆମେ ସେମାନଙ୍କୁ ସହଯୋଗ କରିବୁ। ପ୍ରକୃତି ଆଧାରିତ ସମାଧାନ ସାଂଗକୁ ପ୍ରଶମନ ଓ ଅଭ୍ୟାସଭିତ୍ତିକ ପଦକ୍ଷେପଗୁଡ଼ିକ ବାବଦରେ ଆମେ ସ୍ଥାୟୀ ପ୍ରତିକାରଗୁଡ଼ିକ ପାଇଁ ବିନିଯୋଗ କରିବୁ। ଆମର କାର୍ଯ୍ୟକ୍ରମଗୁଡ଼ିକର ସଂରଚନା, ପରିଚାଳନା, କାର୍ଯ୍ୟକାରିତା ଏବଂ ମୂଲ୍ୟାୟନରେ ଆମେ ସେବା କରୁଥିବା ଲୋକମାନଙ୍କର ତଥା ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନଙ୍କର ନେତୃତ୍ୱର ଅର୍ଥପୂର୍ଣ୍ଣ ଏବଂ ସାମଗ୍ରିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରିବୁ ।

## ୪. ଜଳବାୟୁ ଏବଂ ପରିବେଶଗତ ବିପଦକୁ ସଠିକ ଭାବେ ବୁଝିବା ପାଇଁ ଆମର କ୍ଷମତା ବୃଦ୍ଧି କରିବା ଏବଂ ପ୍ରମାଣ-ଆଧାରିତ ସମାଧାନ ଗୁଡ଼ିକ ବିକଶିତ କରିବା

ଆମେ ବିପଦକୁ ହ୍ରାସ କରିବା, ସଙ୍କଟର ପୂର୍ବାନୁମାନ କରିବା, ସମୟୋଚିତ ପଦକ୍ଷେପ ନେବା ଏବଂ ଆମର ଗତିବିଦ୍ଧି ଗୁଡ଼ିକୁ ସ୍ଥିର ଓ ସୁନିଶ୍ଚିତ କରିବା ପାଇଁ ଆମେ ଆମର ସାମୁହିକ କ୍ଷମତାକୁ ସୁଦୃଢ଼ କରିବା, ସ୍ୱଳ୍ପ ଏବଂ ଦୀର୍ଘମିଆଦୀ ଜଳବାୟୁ ଏବଂ ପରିବେଶ ବିପଦ ଏବଂ ସୁଯୋଗ ବିଷୟରେ ଆମର ଜ୍ଞାନ ବୃଦ୍ଧି କରିବା। ଯଥା ସମ୍ଭବ, ଆମେ ତଥ୍ୟ ବ୍ୟବଧାନକୁ ଦୂର କରିବାରେ ସହାୟକ ହୋବ ପାଇଁ ପ୍ରାସଙ୍ଗିକ ଓ ଉପଲବ୍ଧ ତଥ୍ୟ ଏବଂ ବିଶ୍ଳେଷଣାତ୍ମକପନ୍ଥା ବାହାରି କରିବା ଓ ଏହାକୁ ପ୍ରକାଶ କରିବା। ଆମର ସମସ୍ତ କାର୍ଯ୍ୟକଳାପରେ ଏହି ବିପଦକୁ ହ୍ରାସ କରିବା ପାଇଁ ଆମେ ବିଜ୍ଞାନ, ପ୍ରମାଣଭିତ୍ତିକ, ବୈଷୟିକ ଜ୍ଞାନକୌଶଳଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା।

## ୫. ଜଳବାୟୁ ଏବଂ ପରିବେଶ କାର୍ଯ୍ୟକୁ ସୁଦୃଢ଼ୀକରଣ କରିବା ପାଇଁ ମାନବକଲ୍ୟାଣ କ୍ଷେତ୍ର ତଥା ବାହାରେ ମିଳିତ ଭାବରେ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବା

ଆମେ ଆଞ୍ଚଳିକ, ଜାତୀୟ ତଥା ଆନ୍ତର୍ଜାତୀୟ ସଂଗଠନମାନଙ୍କ ମଧ୍ୟରେ ମାନବକଲ୍ୟାଣ ବ୍ୟବସ୍ଥା ମାଧ୍ୟମରେ ସହଯୋଗ ବୃଦ୍ଧି କରିବୁ। ବିପଦ ହ୍ରାସ ଓ ପରିଚାଳନା ନିମନ୍ତେ ନିରନ୍ତର ଉଦ୍ୟମକୁ ସୁନିଶ୍ଚିତ କରିବା ପାଇଁ ଆମେ ଆଞ୍ଚଳିକ ତଥା ଜାତୀୟ ପ୍ରାଧିକୃତ, ପରିବେଶ, ବିକାଶ ଏବଂ ମାନବକଲ୍ୟାଣ ସଂଗଠନ, ଆନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନ, ବେସରକାରୀ କ୍ଷେତ୍ର, ଗବେଷକ, ଯୋଗାଣକାରୀ ଏବଂ ବଦାନ୍ୟ ବ୍ୟକ୍ତିମାନଙ୍କ ସହିତ ମଧ କାର୍ଯ୍ୟ କରିବୁ। ଆମେ ବିଶେଷ ଭାବରେ, ମାନବକେନ୍ଦ୍ରିକ, ଜଳବାୟୁ ପ୍ରତିରୋଧୀ ଓ ସାମୁହିକ ବିକାଶକୁ ନିମନ୍ତେ ଆମର ଜ୍ଞାନ ଓ ଅନ୍ତର୍ଦୃଷ୍ଟି ବିକାଶ କରିବୁ ।

## ୬. ଜରୁରୀ ଏବଂ ଅଧିକ ମହତ୍ତ୍ୱାକାଂକ୍ଷୀ ଜଳବାୟୁ କାର୍ଯ୍ୟକ୍ରମ ଏବଂ ପରିବେଶ ସୁରକ୍ଷାକୁ ସୁସଂଗଠିତ କରିବା ପାଇଁ ଆମ ପ୍ରଭାବର ବ୍ୟବହାର

ଆମେ ବିପଦକୁ ହ୍ରାସ କରିବା ଏବଂ ଜଳବାୟୁ ଏବଂ ପରିବେଶ ସଙ୍କଟର କାରଣ ଏବଂ ପରିଣାମକୁ ଦୂର କରିବା ପାଇଁ ସରକାର, ସଂଗଠନ, ବେସରକାରୀ କ୍ଷେତ୍ର ଏବଂ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସବୁ ସ୍ତରରେ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ କରିବାକୁ ଆମେ ଆହ୍ୱାନ କରୁଛୁ। ଜଳବାୟୁ ଓ ପରିବେଶ ସଂକଟ ନେଇ ଜନସାଧାରଣଙ୍କ ଅଭିଜ୍ଞତା ଏବଂ ସାଂପ୍ରତିକ ଓ ଭବିଷ୍ୟତର ମାନବୀୟ ପରିଣାମ ଆଧାରରେ ନୀତି, ଯୋଜନା, ପୁଞ୍ଜି ବିନିଯୋଗ, ଆଚରଣ ସହିତ ନୀତି ନିର୍ଦ୍ଧାରଣକୁ ସୂଚିତ ଓ ପ୍ରଭାବିତ କରିବା ପାଇଁ ଆମେ ପ୍ରତିବଦ୍ଧ ଅଟୁ।  ପ୍ରଯୁଜ୍ୟ ଆନ୍ତର୍ଜାତୀୟ ତଥା ଜାତୀୟ ଆଇନ, ମାନଦଣ୍ଡ, ନୀତି ଏବଂ ଶକ୍ତିଶାଳୀ ଜଳବାୟୁ କାର୍ଯ୍ୟ ତଥା ପରିବେଶ ସୁରକ୍ଷା ପାଇଁ ଯୋଜନା ଗୁଡିକର ଉନ୍ନତ କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଆମର ଉଦ୍ୟମ ମଧ୍ୟ ବୃଦ୍ଧି କରିବୁ ।

## ୭. ଆମର ପ୍ରତିବଦ୍ଧତାଗୁଡିକର ରୂପାୟନ ସମୟରେ ଲକ୍ଷ୍ୟକୁ ବ୍ୟାପକ କରିବା ସହ ଅଗ୍ରଗତିର ମୂଲ୍ୟାଙ୍କନ କରିବୁ

ଜଳବାୟୁ ଏବଂ ପରିବେଶ ଉପରେ ଆମର କାର୍ଯ୍ୟର ପ୍ରଭାବ ଉପରେ ଆମେ ପାରଦର୍ଶୀ ବିବରଣୀ ପ୍ରଦାନ କରିବା ସହ କଡାକଡି ଭାବେ ଏହାର ମୂଲ୍ୟାଙ୍କନ କରିବୁ ଏବଂ ସେବା ଯୋଗାଉଥିବା ଅଞ୍ଚଳର ଲୋକମାନଙ୍କଠାରୁ ମତାମତ ଲୋଡିବୁ। ଏହି ଘୋଷଣାନାମା ଗୃହୀତ ହେବା ପରେ, ପ୍ରଯୁଜ୍ୟ ମାନକ ଏବଂ ମାର୍ଗଦର୍ଶିକା ବ୍ୟବହାର ପୂର୍ବକ ଆମେ ଏକ ସମୟାନୁବର୍ତ୍ତୀ ଲକ୍ଷ୍ୟ ନେଇ ଯୋଜନାଗୁଡିକୁ ଏକ ବର୍ଷ ମଧ୍ୟରେ (ଯଦି ପୂର୍ବରୁ ହୋଇନଥାଏ) କାର୍ଯ୍ୟକାରୀ କରି ଆମର ପ୍ରତିବଦ୍ଧତାକୁ ସାକାର କରିବୁ। ଆମର ମହତ୍ତ୍ୱାକାଂକ୍ଷାରେ ବୃଦ୍ଧି ଏବଂ ଜ୍ଞାନ ଓ ଦକ୍ଷତାରେ ବିକାଶ ଅନୁଯାୟୀ ନିୟମିତ ବ୍ୟବଧାନରେ ଲକ୍ଷ୍ୟଗୁଡିକର ସମୀକ୍ଷା କରାଯାଇ ପାରେ । ଆମେ କାର୍ଯ୍ୟଧାରାରେ ଉନ୍ନତ ଚିନ୍ତାଧାରା ଏବଂ ଦୃଷ୍ଟକୋଣ ସହ ଉଲ୍ଲେଖନୀୟ ବ୍ୟବହାରିକ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ଦିଗରେ ଆବଶ୍ୟକ ପରିବର୍ତ୍ତନ ଆଣିବ। ଆମର ପ୍ରତିବଦ୍ଧତା ହାସଲ କରିବା ଏବଂ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ପରସ୍ପରକୁ ସମର୍ଥନ ଦେବା ପାଇଁ ଆମେ ଆବଶ୍ୟକ ଉତ୍ସଗୁଡିକ ବିନିଯୋଗ କରିବୁ । ଏଥିପାଇଁ ଆମର ସହଯୋଗୀ ମାନଙ୍କର ସମର୍ଥନ ମହତ୍ତ୍ୱପୂର୍ଣ୍ଣ ।

## ସଂଲଗ୍ନ: ଶବ୍ଦାବଳୀ

### ଅନୁକୂଳନ (ଜଳବାୟୁ ପରିବର୍ତ୍ତନ ପାଇଁ)

ପରିବର୍ତ୍ତିତ ଜଳବାୟୁ ସହିତ ଖାପ ଖୁଆଇବା ପାଇଁ ଆମେ ଯାହା କରିବା ତାହା ହେଉଛି ପ୍ରକୃତ ବା ସମ୍ଭାବ୍ୟ ଜଳବାୟୁ ଏବଂ ଏହାର ପ୍ରଭାବ । ମାନବ ପ୍ରଣାଳୀରେ, ଅନୁକୂଳନର ଉଦ୍ଦେଶ୍ୟ ହେଉଛି କ୍ଷୟକ୍ଷତି ହ୍ରାସ କରିବା କିମ୍ବା ଏଡାଇବା କିମ୍ବା ଲାଭଦାୟକ ସୁଯୋଗର ଉପଯୋଗ କରିବା । କେତେକ ପ୍ରାକୃତିକ ପ୍ରଣାଳୀରେ, ମାନବକୃତ ହସ୍ତକ୍ଷେପ ସମ୍ଭାବ୍ୟ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବ ସହିତ ଖାପ ଖୁଆଇବାରେ ସାହାଯ୍ୟ କରିଥାଏ । (IPCC, 2018)

### ପୂର୍ବାନୁମାନିତ ପଦକ୍ଷେପ

ସମ୍ଭାବ୍ୟ ବିପର୍ଯ୍ୟୟ ପ୍ରଭାବକୁ ହ୍ରାସ କରିବା ପାଇଁ କ୍ଷୟକ୍ଷତି ପୂର୍ବରୁ କିମ୍ବା ତୀବ୍ର ପ୍ରଭାବ ପୂର୍ବରୁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ଏକ ତାଲିକା । ଏହି କାର୍ଯ୍ୟ ଗୁଡ଼ିକ ଗୋଟିଏ ବିପଦର ପ୍ରଭାବକୁ ଦୃଷ୍ଟିରେ ରଖି ଏବଂ ଘଟଣାଟି କିପରି ଘଟିବ ତାହାର ପୂର୍ବାନୁମାନ ଉପରେ ଆଧାରିତ । ବିପଦର ପ୍ରଭାବ ହ୍ରାସ ପାଇଁ ଦୀର୍ଘକାଳୀନ ବିନିଯୋଗ ନିମନ୍ତେ ପୂର୍ବାନୁମାନ କରାଯାଉଥିବା କାର୍ଯ୍ୟଗୁଡିକ ଏକ ବିକଳ୍ପ ହେବା ଉଚିତ ନୁହେଁ ଏବଂ ଲୋକଙ୍କ ବିପଦ ପରିଚାଳନା କ୍ଷମତାକୁ ସୁଦୃଢ଼ କରିବା ପାଇଁ ଏଥିରେ ଲକ୍ଷ୍ୟ ରଖାଯିବା ଉଚିତ୍ । (Anticipation Hub, 2020)

### ଜୈବ ବିବିଧତା ହ୍ରାସ

କୌଣସି ନିର୍ଦ୍ଦିଷ୍ଟ ଅଂଚଳରେ / କ୍ଷେତ୍ରରେ ମୃତ୍ୟୁ (ବିଲୁପ୍ତକୁ ସାଂଗକୁ), ଧ୍ୱଂସ କିମ୍ବା ମନୁଷ୍ୟକୃତ ଅପସାରଣ ଜରିଆରେ ଜୈବବିବିଧତାର ଯେକୌଣସି ହ୍ରାସ (ଯଥା ଜେନେଟିକ୍, ପ୍ରଜାତି ଏବଂ ପରିବେଶଗତ କ୍ଷେତ୍ରରେ ବିବିଧତା କ୍ଷତି) ଏହା ବିଶ୍ୱର ବିଲୁପ୍ତ ହେବା ଠାରୁ ଜନସଂଖ୍ୟା ଧ୍ୱଂସ ହେବା ପର୍ଯ୍ୟନ୍ତ ଏକାଧିକ ମାପକୁ ସୂଚିତ କରିପାରେ, ଯାହାର ଫଳସ୍ୱରୂପ ସମାନ ପରିମାଣରେ ସମୁଦାୟ ବିବିଧତା ହ୍ରାସ ପାଇଥାଏ। (IPBES Core Glossary, 2021).

### ଜଳବାୟୁ କାର୍ଯ୍ୟ

ଜଳବାୟୁ ପରିବର୍ତ୍ତନ ଓ ତାହାର ପ୍ରଭାବକୁ ପ୍ରତିହତ କରିବା ପାଇଁ ଜରୁରୀ କାର୍ଯ୍ୟକ୍ରମ। ସବୁ ଦେଶରେ ଜଳବାୟୁ ସଂପର୍କିତ ବିପଦ ଏବଂ ପ୍ରାକୃତିକ ବିପର୍ଯ୍ୟୟ ବିରୁଦ୍ଧରେ ସଶକ୍ତିକରଣ ଏବଂ ଅନୁକୂଳ ସାମର୍ଥ୍ୟ ନିର୍ମାଣ ସକାଶେ ପଦକ୍ଷେପ ଗ୍ରହଣ। ଜଳବାୟୁ କାର୍ଯ୍ୟକ୍ରମ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର 13 ନମ୍ବରରେ ଉଲ୍ଲେଖ ରହିଛି।

### ଜଳବାୟୁ ଓ ପରିବେଶ ସଂକଟ

ଜଳବାୟୁ ଏବଂ ପରିବେଶ ସଙ୍କଟ ମଧ୍ୟରେ ଚରମ ଜଳବାୟୁ ଏବଂ ପାଣିପାଗ ଘଟଣା, ଜୈବ ବିବିଧତାର ଧ୍ୱଂସ, ବାୟୁ ପ୍ରଦୂଷଣ, ଭୂମି ଅବକ୍ଷୟ, ଅସନ୍ତୁଳିତ ଉତ୍ପାଦନ ଏବଂ ବ୍ୟବହାର, ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ, ସାମୁଦ୍ରିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ, ପ୍ରାକୃତିକ ସମ୍ବଳର ମାତ୍ରାଧିକ ବ୍ୟବହାର, ଆଣ୍ଟିବାୟୋଟିକ୍ ପ୍ରତିରୋଧୀ ସଂକ୍ରମଣ ଏବଂ କ୍ଷତିକାରକ ପଦାର୍ଥ ଏବଂ କୀଟନାଶକର ବିପଜ୍ଜନକ ବ୍ୟବହାର ଅନ୍ତର୍ଭୁକ୍ତ । (IUCN, no date; IUCN, 2015; GEMET, 2020) ।

### ପ୍ରଶମନ (ଜଳବାୟୁ ପରିବର୍ତ୍ତନର)

ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନକୁ ସୀମିତ କିମ୍ବା ପ୍ରତିରୋଧ କରୁଥିବା କାର୍ଯ୍ୟ ଏବଂ କାର୍ଯ୍ୟ ଯାହା ବାୟୁମଣ୍ଡଳରୁ ଏହି ଗ୍ୟାସ୍ ଅପସାରଣ କରୁଥିବା କାର୍ଯ୍ୟକଳାପ ବୃଦ୍ଧି କରିଥାଏ (IPCC, 2018) ।

### ପ୍ରକୃତି ଆଧାରିତ ସମାଧାନ

ପ୍ରାକୃତିକ ତଥା ପରିବର୍ତ୍ତିତ ଇକୋସିଷ୍ଟମକୁ ସୁରକ୍ଷା, ସ୍ଥାୟୀ ଭାବରେ ପରିଚାଳନା ଏବଂ ପୁନରୁଦ୍ଧାର ପାଇଁ କାର୍ଯ୍ୟ ଯାହାକି ସାମାଜିକ ଆହ୍ୱାନକୁ ପ୍ରଭାବଶାଳୀ ଏବଂ ଅନୁକୂଳ ଉପଯୋଗୀ ଭାବରେ ସମାଧାନ କରିଥାଏ। ଏଥିସହ ମାନବ କଲ୍ୟାଣ ଏବଂ ଜୈବ ବିବିଧତା ସୁବିଧା ମଧ୍ୟ ପ୍ରଦାନ କରିଥାଏ (IUCN, 2016) ।

Source: https://www.climate-charter.org/ Developed and *Odia* language translation by All India Disaster Mitigation Institute (AIDMI).